**୧୨ରେ ଖେଳାଳି ଚୟନ**

**ଢେଙ୍କାନାଳ ଅଫିସ:** ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ଖେଳକୁଦ ଷ୍ଟାଡିୟମ୍ ଟର୍ଫ ପଡ଼ିଆରେ ଆସନ୍ତା ଜୁନ୍ ୨୨ରେ ରାଜ୍ୟସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ଆସନ୍ତା ୧୨ତାରିଖରେ ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମ୍‌ରେ ସକାଳ ୮ଟାରୁ ସବୁ ବର୍ଗର ଖେଳାଳି ଚୟନ କରାଯିବ। ଆଶାୟୀମାନେ ନିଜର ବୟସ ପ୍ରମାଣପତ୍ର, ପରିଚୟପତ୍ର ସହିତ ଚୟନ ପ୍ରକ୍ରିୟାରେ ସାମିଲ ହେବାକୁ ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ନଳିନୀ କୁମାର ଦାସ ନିବେଦନ କରିଛନ୍ତି।

## ପୁରୁଣାଗଡ଼ ରଥଯାତ୍ରା ନେଇ ପ୍ରସ୍ତୁତି ବୈଠକ | ଅପରାହ୍ନ ୩ଟାରେ ରଥଟଣା


ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ସହ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତାମାନେ।

**ଅନୁଗୋଳ ଅଫିସ,୬।୬**

ଅନୁଗୋଳ ବ୍ଲକ ପୁରୁଣାଗଡ଼ ଶ୍ରୀଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହେବାକୁ ଥିବା ରଥଯାତ୍ରାର ସୁପରିଚାଳନା ନିମନ୍ତେ ଅନୁଗୋଳ ଉପଜିଲାପାଳ ବଇତୁରା ଦୀପଙ୍କ ଅଧ୍ୟକ୍ଷତାରେ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୦ ତାରିଖ ଶ୍ରୀଗୁଣ୍ଡିଚା ଓ ୨୮ ତାରିଖ ବାହୁଡ଼ା ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା ନିମନ୍ତେ ବିଭିନ୍ନ ବିଭାଗର ଅଧିକାରୀମାନେ ବିଶେଷ ଯତ୍ନବାନ ହେବାକୁ ଉପଜିଲାପାଳ ପରାମର୍ଶ ଦେଇଥିଲେ। ଶ୍ରୀଗୁଣ୍ଡିଚାରେ ନିର୍ଦ୍ଧାରିତ ସମୟ ଅନୁଯାୟୀ ଅପରାହ୍ନ ୨ଟାରେ ଶ୍ରୀଜୀଉଙ୍କ ପହଣ୍ଡି କରାଯିବ। ଛେରା ପହଁରା ପରେ ଅପରାହ୍ନ ୩ଟାରେ ରଥଟଣା ଆରମ୍ଭ ହେବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ସେହିପରି ୨୪ ତାରିଖ ହେରାପଞ୍ଚମୀ, ୨୮ ତାରିଖ ବାହୁଡ଼ା ଓ ୨୯ ତାରିଖରେ ସୁନାବେଶ ଅନୁଷ୍ଠିତ ହେବ। ରଥଯାତ୍ରାର ୭ ଦିନ ପୂର୍ବରୁ ସମସ୍ତ ବିଭାଗ ନିଜ ନିଜ କାର୍ଯ୍ୟ ସୂଚାରୁରୂପେ ସମ୍ପୂର୍ଣ୍ଣ କରିବାକୁ ଉପଜିଲାପାଳ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜଗନ୍ନାଥ ମନ୍ଦିରଠାରୁ ମାଉସୀମା ମନ୍ଦିର ପର୍ଯ୍ୟନ୍ତ ରାସ୍ତା ମରାମତି କାର୍ଯ୍ୟ କରିବା, ଟ୍ୟାଙ୍କର ଯୋଗେ ପାଣି ଯୋଗାଇବା ସହ ନଳକୂଅଗୁଡ଼ିକର ମରାମତି, ଅଗ୍ନିଶମ ଗାଡ଼ି ପ୍ରସ୍ତୁତ ରଖିବା, ଶାନ୍ତିଶୃଙ୍ଖଳା ରକ୍ଷା, ପ୍ରାଥମିକ ଚିକିତ୍ସା କେନ୍ଦ୍ର ଖୋଲିବା, ଚୋରାମଦ କାରବାର ରୋକିବା ଆଦି କାର୍ଯ୍ୟ ଠିକ୍ ଭାବେ ସମ୍ପାଦନ କରିବା ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ମାତ୍ରାଧିକ ଜନସମାଗମକୁ ଦୃଷ୍ଟିରେ ରଖି ଏକ ଆମ୍ବୁଲାନ୍ସ ଯୋଗାଇ ଦେବାକୁ ମନ୍ଦିର ପରିଚାଳନା କମିଟି ତରଫରୁ ଅନୁରୋଧ କରାଯାଇଥିଲା। ଶ୍ରୀଗୁଣ୍ଡିଚା ଯାତ୍ରା, ହେରାପଞ୍ଚମୀ ଓ ସୁନାବେଶ ଦିନ ଜିଲା ସଂସ୍କୃତି ଅଧିକାରୀ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ବୈଠକରେ ସ୍ଥିର କରାଯାଇଥିଲା। ସମସ୍ତ କାର୍ଯ୍ୟ ତଦାରଖ କରିବାକୁ ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କୁ ଉପଜିଲାପାଳ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରବିନ୍ଦ ବେହେରା, ଅନୁଗୋଳ ତହସିଲଦାର ଶାଶ୍ୱତ ରଞ୍ଜନ ଦାସ, ଡେପୁଟି କଲେକ୍ଟର ରାଜୀବ ଲୋଚନ ବେହେରା, ଆସିଷ୍ଟାଣ୍ଟ କଲେକ୍ଟର ସୁକାନ୍ତ କୁମାର ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ପୁରୁଣାଗଡ଼ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଆହତମାନଙ୍କ ଆଶୁ ଆରୋଗ୍ୟ କାମନା


ନାଲ୍‌କୋ ଆଲୁମିନିୟମ ମଜଦୁର ସଂଘ ତରଫରୁ କ୍ୟାଣ୍ଡେଲ ଶୋଭାଯାତ୍ରା।

**ବଅଁରପାଳ,୬।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀମାନଙ୍କ ଆତ୍ମାର ସଦ୍‌ଗତି ଏବଂ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରି ନାଲ୍‌କୋ ଆଲୁମିନିୟମ ମଜଦୁର ସଂଘ ତରଫରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ସଂଘ କାର୍ଯ୍ୟାଳୟରୁ ବାହାରି ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକରେ ପହଞ୍ଚିଥିଲା। ସେଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘ ସଭାପତି ମୁନା ସାମଲ, ସାଧାରଣ ସମ୍ପାଦକ ବିନୋଦ କୁମାର ସାମଲ, ଉପଦେଷ୍ଟା ସଚ୍ଚିଦାନନ୍ଦ ଗଡନାୟକ, ମାଧବ ସାମଲ, ଗୋପାଳକୃଷ୍ଣ ମଲ୍ଲିକ, ଦୀନବନ୍ଧୁ ଭୂତିଆ, କୃଷ୍ଣଚନ୍ଦ୍ର ମହାରଣା, ସୁବାସଚନ୍ଦ୍ର ଗଡ଼ନାୟକ, ପ୍ରଦୀପ ବିଶ୍ୱାଳ, କୈଳାଶ ବେହେରା, ଦୀପକ ସାମଲ, ସଞ୍ଜୟ ଦେହୁରୀ, ନେହେରୁ ସାହୁ, ପ୍ରଭାତ ଗଡ଼ନାୟକ, ପ୍ରଶାନ୍ତ ସାହୁ, ପ୍ରଭୁପାଦ ଦାସ, ତ୍ରିପତି ସେନାପତି, ନୃସିଂହ ବେହେରା, ପଦ୍ମଲାଭ ସେଠୀ, ମହେନ୍ଦ୍ର ରଥ, ଅଜୟ ସାହୁ, ବିରଞ୍ଚି ସାମଲ, ନଟବର ମହାନ୍ତି, ସୁନୀଲ ତ୍ରିପାଠୀ, ରଙ୍କନିଧି ନାୟକ, ପ୍ରଭାସ ସିଂହ, ସୌମ୍ୟ ଅମାନ୍ତ, ରଘୁନାଥ ସାହୁ, ଡମ୍ବରୁ ନାୟକ, ରଞ୍ଜନ ବେହେରା, ଭରତ ସାହୁ, ଶ୍ରୀଧର ନାୟକ, ଭାଗବତ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

**PARADIP PORT AUTHORITY**
MARINE DEPARTMENT
No.MD/ACCTS-WK-R-4/2022/731 Date:02/06/2023
**Second Corrigendum to e-Tender Call Notice**
**(e-TCN) No.: MD/ACCTS/WK-R-4/2022/499 dt. 19/04/2023**
Name of the Work: "Supply of 01 No.60 Ton Bollard Pull Tug along with Manning crew on Hire for Marine Operation at SPMs and inside Harbour at Paradip for a period of seven years". Estimated Cost put to tender: ₹75,48,71,148/-. With reference to above e-tender, revised tender document has been published in the e-procurement website with extension. Last date & time of submission of bids through on-line bidding is 15:00 hours on Dt.26.06.2023. Technical Bids shall be opened at 16:00 hours on Dt.27.06.2023. For details, please log on to the Website : https://eprocure.gov.in/eprocure/app .
Dy. Conservator, PPA
PPA/PR/20/2023-24, Dt.06.06.2023

## ମୃତକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା

**ବଅଁରପାଳ,୬।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ନିକଟରେ ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନାଲ୍‌କୋ ପ୍ରୋଗ୍ରେଶିଭ ଏମ୍ପ୍ଲୟିଜ ୟୁନିୟନ ପକ୍ଷରୁ ଦୀପ ପ୍ରଜ୍ୱଳନ ସହ ପ୍ରାର୍ଥନା କରାଯାଇଥିଲା। ସେହିପରି ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା। ନେପୁ ସାଧାରଣ ଧାରଣ ସମ୍ପାଦକ ବୈରାଗୀ ସେଠ ଓ ଅଜୟ ଦାସଙ୍କ ନେତୃତ୍ୱରେ ଏହି ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ସଦସ୍ୟ ଉପସ୍ଥିତ ଥିଲେ।


ନାଲ୍‌କୋ ପ୍ରୋଗ୍ରେଶିଭ ଏମ୍ପ୍ଲୟିଜ ୟୁନିୟନ ପକ୍ଷରୁ ଦୀପ ପ୍ରଜ୍ୱଳନ କରାଯାଉଛି।

**ଦ.ପୂ. ରେଳପଥ - ଟେଣ୍ଡର**
**ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଇ-ଟେଣ୍ଡର/୨୦୨୩/୨୬।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଟିକା ପୂର୍ବ ସୁଦ୍ଧା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହା ୧୫.୩୦ ଘଟିକାରେ ଖୋଲାଯିବ। **ଟେଣ୍ଡର ନଂ.: ଇ-କେଜିପି-ସାଉଥ୍-୧୪-୨୦୨୩ । କାର୍ଯ୍ୟର ବର୍ଣ୍ଣନା:** ଏଡିଇଏନ୍ (ବାଲେଶ୍ୱର)/କେଜିପିଙ୍କ କ୍ଷେତ୍ରାଧିକାରରେ ଟିଆର୍‌ଆର୍, ଟିଏଫ୍‌ଆର୍, ଟିଟିଆର୍, ଏସ୍‌ଇଜେ ନବୀକରଣ ଇତ୍ୟାଦି ସମେତ ବିବିଧ ପି.ୱେ ନବୀକରଣ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ: ₹୧,୧୧,୮୨,୭୩୦.୯୨; ଅମାନତ ରାଶି: ₹୨,୦୫,୯୦୦/-। ଟେଣ୍ଡର ଦସ୍ତାବିଜ ମୂଲ୍ୟ (₹): ୦। ଖୋଲାଯିବା ତାରିଖ: ୨୩।୦୬।୨୦୨୩। କାର୍ଯ୍ୟର ସମାପ୍ତି ଅବଧି:** ୧୨ (ବାର) ମାସ । **ବିଡ଼ିଂ ଆରମ୍ଭ ତାରିଖ:** ତା୦୯।୦୬।୨୦୨୩ରିଖଠାରୁ ତା୨୩।୦୬।୨୦୨୩ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । **(PR-253)**

## ୧୩୯ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଅନୁଗୋଳ ଅଫିସ, ୬।୬**

ଅନୁଗୋଳ ସଭାଘରଠାରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ମାଟ୍ରିକ ପରୀକ୍ଷାରେ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଯୋଗଦେଇ ଛାତ୍ରୀଛାତ୍ରମାନେ କଠିନ ପରିଶ୍ରମ କରି ଜିଲା ଏବଂ ରାଜ୍ୟର ଗୌରବ ବଢ଼ାଇବା ସହ ପରବର୍ତ୍ତୀ ପିଢି ପାଇଁ ଉଦାହରଣ ହେବାକୁ ପରାମର୍ଶ ଦେଇଥିଲେ। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ଛାତ୍ରୀଛାତ୍ରମାନେ ନିଜ ଭବିଷ୍ୟତ ଲକ୍ଷ୍ୟ ସ୍ଥିର କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନେ ଆତ୍ମସମୀକ୍ଷା କରିବା ସହ ଆଜିର କାମ ଆଜି ଶେଷ କରିବା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏହି ଉତ୍ସବରେ ଯୋଗଦେଇ ସରକାରୀ ବିଦ୍ୟାଳୟଗୁଡ଼ିକର ରୂପରେଖ ପରିବର୍ତ୍ତନ ହୋଇଛି ଏବଂ ରୂପାନ୍ତର ହୋଇଥିବା ବିଦ୍ୟାଳୟର ଏହି ଛାତ୍ରୀଛାତ୍ରମାନେ ପ୍ରଥମ ବ୍ୟାଚ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ୧୩୯ ଜଣ ଛାତ୍ରୀଛାତ୍ରଙ୍କୁ ଜିଲା ପ୍ରଶାସନ ଓ ଆମ ପ୍ରତିଭା ଆମ ସ୍ୱାଭିମାନ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ରାଜ୍ୟରେ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଅନୁଗୋଳ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନ ଛାତ୍ରୀ ସ୍ୱାତୀ ସାଗରିକା ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଠିନ ପରିଶ୍ରମର ବିକଳ୍ପ ନାହିଁ ବୋଲି ଜିଲା ଶିକ୍ଷା ଅଧିକାରୀ କହିଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଗୋଳ ପୌର ଅଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ରାଜ୍ୟ ସରକାରଙ୍କ ବସୁଧା ଯୋଜନାର ଉପଦେଷ୍ଟା ଦିନେଶ କୁମାର ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରିଣୀ ପ୍ରତିଭା ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ଭାଗସ୍ତରୀୟ କାର୍ଯ୍ୟାଳୟ ସହାୟକ କର୍ମଶାଳା

**ତାଳଚେର, ୬।୬ (ନି.ପ୍ର.) :** ତାଳଚେର ବ୍ଲକ ଦେଉଳବେଢ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ତ୍ରି-ଦିବସୀୟ ସମ୍ଭାଗସ୍ତରୀୟ କାର୍ଯ୍ୟାଳୟ ସହାୟକ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷା ବିକାଶ ସମିତ ମଧସମ୍ଭାଗ ଅନୁଗୋଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିଶୁମନ୍ଦିର ପରିଚାଳନା ସମିତି ସଭାପତି ହେମନ୍ତ କୁମାର ଶତପଥୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସମ୍ଭାଗ ସଭାପତି ପରେଶ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବାବୁଲି ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିରଞ୍ଚି ନାରାୟଣ ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଓ ଢେଙ୍କାନାଳ ଜିଲାର ସମସ୍ତ ଶିଶୁମନ୍ଦିରର କାର୍ଯ୍ୟାଳୟ ସହାୟକମାନେ ଯୋଗ ଦେଇଛନ୍ତି। ଶେଷରେ ମନୋରଞ୍ଜନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଚିନ୍ମୟ କୁମାର ପାଳ, ପ୍ରକାଶ ଚନ୍ଦ୍ର ସାହୁ ଓ ବସନ୍ତ କୁମାର ସ୍ୱାଇଁ ପ୍ରଶିକ୍ଷଣ ଦେଉଛନ୍ତି।

No.PP-13
**ସମ୍ବଲପୁରୀ ବସ୍ତ୍ରାଳୟ**
ପବିତ୍ର ରଜ ପର୍ବ ଉପଲକ୍ଷେ
ବିଶେଷ ସରକାରୀ ରିହାତି
**୧୦%+୨୦%**
ତା୦୫।୦୬।୨୦୨୩ରୁ ତା୧୩।୦୬।୨୦୨୩ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର
ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ ।
For online purchase visit
**www.sambalpuribastralaya.com**
Scan the QR code to visit our website.
OIPR-31040/11/0001/2324

## ସଂଖ୍ୟାଜ୍ଞାନ ସୃଜନଶୀଳତା ବଢ଼ାଇବ

**ଢେଙ୍କାନାଳ ଅଫିସ, ୬।୬**

ଢେଙ୍କାନାଳ କେନ୍ଦ୍ରୀୟ ବିଦ୍ୟାଳୟରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର ଯୋଗଦେଇ ଶିକ୍ଷା, ସାକ୍ଷରତା ଓ ମାତୃଭାଷାର ଭୂମିକା ଉପରେ ଆଲୋକପାତ କରିଥିଲେ। ଭାରତ ସରକାରଙ୍କ ଜାତୀୟ ଶିକ୍ଷା ନୀତିରେ ସ୍ଥାନିତ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଭଲ ପଦକ୍ଷେପ। ଏହା ଶିକ୍ଷାର୍ଥୀଙ୍କ ସୃଜନଶୀଳତା, ଜିଜ୍ଞାସା ମନୋଭାବ ବୃଦ୍ଧିରେ ସହାୟକ ହୋଇପାରିବ ବୋଲି କହିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ମଲ୍ଲିକ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପିଟିଏ କମିଟି ଉପସଭାପତି ସୁନୀଲ ଦାଶ, ସମ୍ପାଦକ ଦିଲୀପ ସାହୁ, ଦେବସ୍ମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।



କେନ୍ଦ୍ରୀୟ ବିଦ୍ୟାଳୟରେ ଅନୁଷ୍ଠିତ କର୍ମଶାଳା।

କର୍ମଶାଳାରେ ଜିଲାର ୧୨ଟି ସ୍କୁଲର ୧୨୦ ବିଦ୍ୟାର୍ଥୀ ଏବଂ ୨୪ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। କେନ୍ଦ୍ରୀୟ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରତ୍ନାକର ପ୍ରଧାନ, ଶିକ୍ଷୟିତ୍ରୀ ସୋହେଲା ଛୋଟରାୟଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ୯ରୁ ୧୧ ଯାଏଁ ଉସୁ ଚାମ୍ପିୟନଶିପ୍

**ଅନୁଗୋଳ ଅଫିସ, ୬।୬**

ଆସନ୍ତା ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ଅନୁଗୋଳ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମଠାରେ ୨୯ ତମ ଓଡ଼ିଶା ରାଜ୍ୟ ଉସୁ ଚାମ୍ପିୟନ୍‌ଶିପ୍ ଅନୁଷ୍ଠିତ ହେବ। ଉସୁ ଜିଲା ସମ୍ପାଦକ ସୁଶାନ୍ତ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଗୋଳଠାରେ ମଙ୍ଗଳବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ପ୍ରଦାନ କରାଯାଇଛି। ଏହି ପ୍ରତିଯୋଗିତରେ ୩୦ଟି ଜିଲାରୁ ୩ଶହରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ୫୦ ଜଣ କ୍ରୀଡ଼ା ପରିଚାଳକ ଏହାର ପରିଚାଳନା କରିବେ। ଅନ୍ତର୍ଜାତୀୟ ଉସୁ ତାରକା ତଥା କେନ୍ଦୁଝର ଝିଅ ଶ୍ୱେତାରାଣୀ ମହନ୍ତ ଏହି ପ୍ରତିଯୋଗିତାରେ ଭାଗ ନେବେ। ନିକଟରେ ଶ୍ୱେତାରାଣୀ ରୁଷିଆର ମେସ୍କୋ ଠାରେ ଆୟୋଜିତ ଉସୁ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ଜିତିଥିବାବେଳେ ଚାଇନାର ମକାଓ ଠାରେ ଆୟୋଜିତ ହେବାକୁ ଥିବା ଏସିଆନ୍ ଉସୁ ପାଇଁ ଚୟନ ହୋଇଛନ୍ତି। ତେଣୁ ତାଙ୍କ ଉପସ୍ଥିତି ଖେଳାଳିଙ୍କ ମଧ୍ୟରେ ଉତ୍ସାହ ଭରିବ ବୋଲି ଖବରଦାତା ସମ୍ମିଳନୀରେ ସୁଶାନ୍ତ ନାଏକ ପ୍ରକାଶ କରିଛନ୍ତି।

ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଥିବା କ୍ରୀଡ଼ାବିତ୍‌ମାନଙ୍କ ରହିବା ପାଇଁ ଫରେଷ୍ଟ ରେଞ୍ଜର କଲେଜରେ ବ୍ୟବସ୍ଥା କରାଯାଇଛି। ରାଜ୍ୟ ଉସୁ ଆସୋସିଏଶନ୍ ଓ ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ଏହି ପ୍ରତିଯୋଗିତାର ଆୟୋଜନ କରାଯାଉଛି। ଏହି ପ୍ରତିଯୋଗିତାରୁ ରାଜ୍ୟସ୍ତରୀୟ ଖେଳାଳି ଚୟନ କରାଯିବ। ଚୟନ ହୋଇଥିବା ଖେଳାଳିମାନେ ଆସନ୍ତା ଅଗଷ୍ଟ ୬ରୁ ୧୧ ତାରିଖ ପର୍ଯ୍ୟନ୍ତ ବିହାର ଠାରେ ଆୟୋଜିତ ହେବାକୁ ଥିବା ୨୨ତମ ଜୁନିୟର ଜାତୀୟ ବାଳିକା ଓ ବାଳକ ଉସୁ ଚମ୍ପିୟନ୍‌ଶିପ୍‌ରେ ଯୋଗଦେବେ। ସେହିଭଳି ମହାରାଷ୍ଟ୍ରର ପୁଣେ ଠାରେ ଜୁନ୍ ୨୬ରୁ ଜୁଲାଇ ୧ ତାରିଖ ମଧ୍ୟରେ ୩୨ ତମ ସିନିୟର ଜାତୀୟ ବାଳିକା ଓ ବାଳକ ଉସୁ ଚାମ୍ପିୟନ୍‌ଶିପ୍‌ରେ ଯୋଗଦେବେ। ଏହି ଖବରଦାତା ସମ୍ମିଳନୀରେ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସୀଠ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଶାନ୍ତ କୁମାର ସିହ୍ନା, କ୍ରୀଡ଼ା ଶିକ୍ଷକ ଦୋଳ ଗୋବିନ୍ଦ ଦଳେଇ, ଦୁଷ୍ମନ୍ତ କୁମାର ସାହୁ, ତପନ କୁମାର ସାମଲ ଏବଂ ଜିଲା ଉସୁ ଆସୋସିଏଶନର ଉପସଭାପତି ବାସୁଦେବ ସାହୁ, କୋଷାଧ୍ୟକ୍ଷ ଅରୁଣ କୁମାର ନାଏକ, ସଭ୍ୟ ତାପଦ ରଞ୍ଜନ ନାଏକ, ରିଙ୍କୁ ନାଏକ, ଚନ୍ଦନ ସାହୁ, ସିପୁ ନାଏକ, ଅନିଲ ମୁର୍ମୁ, ତ୍ରିଲୋଚନ ନାଏକ, ଗୋବର୍ଦ୍ଧନ ନାଏକ, ସରୋଜ ନାଏକ, ମୋହନ ନାଏକ, ସୁବଳ ନାଏକ, ଶେଷ ଗୋଚ୍ଛାୟତ ପ୍ରମୁଖ ଉପସ୍ଥିତ ରହିଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତାମାନେ।

**ନିବେଦନ**
**ଧ୍ୟାନ ଦିଅନ୍ତୁ - ବାଲେଶ୍ୱର ରେଳ ଦୁର୍ଘଟଣା**
ଓଡ଼ିଶା ରେଳ ଦୁର୍ଘଟଣାରେ ପୀଡ଼ିତମାନଙ୍କୁ ସେମାନଙ୍କ ପରିବାର ସହ ଯୋଗାଯୋଗ କରାଇବାରେ ସହାୟତା ପାଇଁ ଦୟାକରି ଆଗେଇ ଆସନ୍ତୁ
**ଦୟାକରି ଡାଏଲ୍ କରନ୍ତୁ**
**139** ଭାରତୀୟ ରେଳ ହେଲ୍‌ପ୍‌ଲାଇନ୍
**1929 କିମ୍ବା 1800-3450061** ଓଡ଼ିଶା ରାଜ୍ୟ ସରକାରଙ୍କ ଦେୟମୁକ୍ତ ଯୋଗାଯୋଗ ନମ୍ବର
**ନିମ୍ନ ପ୍ରଦତ୍ତ ଲିଙ୍କ୍ ମଧ୍ୟ ଦେଖିପାରିବେ**
**www.osdma.org** - ସମସ୍ତ ସୂଚନା ଉପଲବ୍ଧ
**www.srcodisha.nic.in** - ମୃତକଙ୍କ ଫଟୋ
**www.bmc.gov.in** - ଏସ୍.ସି.ବି. ମେଡିକାଲ କଲେଜ୍ ଓ ହସ୍‌ପିଟାଲ୍, କଟକରେ ଚିକିତ୍ସିତ ହେଉଥିବା ଯାତ୍ରୀମାନଙ୍କ ସୂଚୀ
**ନିମ୍ନ ୱେବ୍‌ସାଇଟ୍‌ରେ ଉପଲବ୍ଧ ଲିଙ୍କ୍‌ଗୁଡ଼ିକ ମଧ୍ୟ ଦେଖିପାରିବେ**
www.indianrailways.gov.in
www.irctc.co.in
ଦୟାକରି ଏହି ବାର୍ତ୍ତାକୁ ପ୍ରସାର କରି ନିଜର ପ୍ରିୟଜନଙ୍କୁ ଚିହ୍ନଟ କରିବାରେ ପୀଡ଼ିତ ପରିବାରଗୁଡ଼ିକୁ ସହାୟତା କରନ୍ତୁ
D-1/23

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୭ ଜୁନ୍, ୨୦୨୩



## ଆଜି ତାଳଚେରରେ ୧୨ ଘଣ୍ଟିଆ ବନ୍ଦ ପାଳନ

ତାଳଚେର,୬।୬(ନି.ପ୍ର.): ତାଳଚେରକୁ ସ୍ୱତନ୍ତ୍ର ଜିଲା ଘୋଷଣା କରିବା ଦାବିରେ ଦୀର୍ଘଦିନ ହେଲା ଧାରଣାରେ ବସିଥିବା ତାଳଚେର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଧବାର ସହରରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯିବ। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ହେବାକୁ ଥିବା ଏହି ବନ୍ଦ ପାଳନରେ ତାଳଚେରବାସୀ ସାମିଲ ହୋଇ ସଫଳ କରିବାକୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। କମିଟି ପକ୍ଷରୁ କୁହାଯାଇଛି, ତାଳଚେରରୁ ରାଜ୍ୟ ଓ କେନ୍ଦ୍ର ସରକାର ବହୁ ହଜାର କୋଟି ଟଙ୍କାର ରାଜସ୍ୱ ପାଉଛନ୍ତି। ଜିଲା ଖଣିଜ ପାଣ୍ଠିକୁ ଦୈନିକ ଏକ କୋଟି ଟଙ୍କା ରାଜସ୍ୱ ମିଳୁଛି। ହେଲେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଯୋଗାଯୋଗ, ପରିବେଶ ଆଦି ସବୁକ୍ଷେତ୍ରରେ ତାଳଚେର ଅବହେଳିତ। ୧୯୯୩ରେ ନୂତନ ଜିଲା ଗଠନ ବେଳେ ତାଳଚେରବାସୀ ଜିଲା ପାଇଁ ଆନ୍ଦୋଳନ କରିଥିଲେ। ତତ୍କାଳୀନ ସରକାର ଏ ନେଇ ତାଳଚେରବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟରେ ନୂତନ ଜିଲା ଗଠନ ହେଲେ ପ୍ରାଥମିକତା ଭିତ୍ତିରେ ତାଳଚେରକୁ ୩୧ ନମ୍ବର ଜିଲା କରାଯିବ ବୋଲି କହିଥିଲେ। ହେଲେ ବର୍ତ୍ତମାନ ରାଜ୍ୟ ସରକାର ଏ ନେଇ ପଦକ୍ଷେପ ନେଉ ନ ଥିବା କମିଟି ପକ୍ଷରୁ ଅଭିଯୋଗ କରାଯାଇଛି।

# ଆମ୍ବ ବଗିଚାରେ ବୃଦ୍ଧାଙ୍କୁ ଦଳିଦେଲା ହାତୀ


ଘଟଣାସ୍ଥଳରେ ଅଞ୍ଚଳବାସୀଙ୍କ ଗହଳି।

- ହମାମିରା ଗ୍ରାମର ଅନ୍ୟଜଣେ ଗୁରୁତର
- ବନ୍ତଲା ରେଞ୍ଜରେ ଥମୁନି ହାତୀ ଉପଦ୍ରବ

ଅନୁଗୋଳ ଅଫିସ,୬।୬

ଅନୁଗୋଳ ବନଖଣ୍ଡ ବନ୍ତଲା ବନାଞ୍ଚଳରେ ଥମୁନି ହାତୀ ଉପଦ୍ରବ। ମଙ୍ଗଳବାର ହାତୀ ଆକ୍ରମଣରେ ହମାମିରା ଅଞ୍ଚଳର ଚମ୍ପା ସାହୁ(୭୦)ଙ୍କ ମୃତ୍ୟୁ ହୋଇଛି। ସେହିଗ୍ରାମର ନେହୁରୁ ସାହୁ(୬୦) ଗୁରୁତର ହୋଇଛନ୍ତି। ଦୁହେଁ ଆମ୍ବ ତୋଳିବାକୁ ନିକଟସ୍ଥ ଆମ୍ବୁରିକୁ ଯାଇଥିବାବେଳେ ହାତୀ ଆକ୍ରମଣର ଶିକାର ହୋଇଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ହମାମିରା ଗ୍ରାମର ନେହୁରୁ ମଧ୍ୟାହ୍ନ ସମୟରେ ଆମ୍ବ ତୋଳିବାକୁ ନିକଟସ୍ଥ ଆମ୍ବୁରିକୁ ଯାଇଥିଲେ। ଏହି ସମୟରେ ସେଠାରେ ଥିବା ଏକ ଦନ୍ତା ହାତୀ ହାବୁଡ଼ରେ ସେ ପଡ଼ିଯାଇଥିଲେ। ସେ ଦୌଡ଼ି ପଳାଇ ଆସିବାକୁ ଉଦ୍ୟମ କରିଥିବା ବେଳେ ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାର କିଛି ସମୟ ପରେ ସେହି ଗ୍ରାମର ଚମ୍ପା ସାହୁ ଆମ୍ବ ବଗିଚାକୁ ଯାଇଥିବା ବେଳେ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣା ଜଣାପଡ଼ିବା ପରେ ଅଞ୍ଚଳରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ବନ୍ତଲା ଛକରେ ଲୋକମାନେ ବିରୋଧ ପ୍ରଦର୍ଶନ କରିଥିଲେ। ଖବରପାଇ ଅନୁଗୋଳ ବନଖଣ୍ଡ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏ ସମ୍ପର୍କରେ ବନ୍ତଲା ରେଞ୍ଜର ନୀଳାଦ୍ରିନାଥ ସାହୁ କହିଛନ୍ତି, କିଛି ଦିନର ବ୍ୟବଧାନ ପରେ ବନ୍ତଲା ବନ ।ଞ୍ଚଳ କାଙ୍ଗୁଲି ଆର୍‌ଏଫ୍ ଅଞ୍ଚଳରେ ୨୯ ଟିକିଆ ହାତୀ ପଲ ଥିବା ଜଣାପଡ଼ିଥିଲା। ଏ ନେଇ ସ୍ଥାନୀୟ ଗ୍ରାମବାସୀଙ୍କୁ ଅବଗତ କରାଯାଇଥିଲା। ବିଭାଗ ପକ୍ଷରୁ ହାତୀ ଘଉଡ଼ାଇବା କାର୍ଯ୍ୟ ମଧ୍ୟ ଜାରି ରହିଥିଲା। ହାତୀ ଆକ୍ରମଣରେ ମୃତ ଚମ୍ପାଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ବାବଦ କିଛି ଅର୍ଥ ପ୍ରଦାନ କରାଯାଇଛି। ଅବଶିଷ୍ଟ ଅର୍ଥ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରଦାନ କରାଯିବ। ଗୁରୁତର ନେହୁରୁ ହାତୀ ଗୋଡ଼ାଇବା ବେଳେ ତଳେ ପଡ଼ି ଆହତ ହୋଇଛନ୍ତି। ତାଙ୍କର ଚିକିତ୍ସା ଜାରି ରହିଛି।

## ସରକାରୀ ଯୋଜନା ଚାଷୀଙ୍କ ନିକଟରେ ପହଞ୍ଚାଅ


ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

ବଇଣ୍ଡା,୬।୬(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ଯୋଜନା କିପରି ସିଧାସଳଖ ଚାଷୀଙ୍କ ନିକଟରେ ପହଞ୍ଚିବ ସେଥିପାଇଁ ସମସ୍ତ କୃଷି ଅଧିକାରୀ ଯତ୍ନବାନ ହେବା ଆବଶ୍ୟକ। କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳାରେ ଯୋଗ ଦେଇଥିବା ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ଆଠମଲ୍ଲିକ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ରଞ୍ଜନ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୈରେନ୍ଦ୍ରୀ ପ୍ରଧାନ, ଜିଲା ପରିଷଦ ସଦସ୍ୟ ବିଷ୍ଣୁପ୍ରିୟା ପ୍ରଧାନ, ଅନୁପମା ପ୍ରଧାନ, ଆତ୍ମା ଅଧ୍ୟକ୍ଷ ତପନ କୁମାର ସାହୁ, ବିଧାୟକଙ୍କ ପ୍ରତିନିଧି କାଳନ୍ଦୀ ଚରଣ ପ୍ରଧାନ ଯୋଗ ଦେଇଥିଲେ। ଏଥିରେ ଆଖପାଖ ଅଞ୍ଚଳରୁ ଚାଷୀମାନେ ଯୋଗ ଦେଇଥିବା ବେଳେ ଅନେକ ପଞ୍ଚାୟତରୁ ଚାଷୀମାନଙ୍କ ଅନୁପସ୍ଥିତିକୁ ନେଇ ଅତିଥିମାନେ ଖପା ହୋଇଥିଲେ। କର୍ମଶାଳା ସମ୍ପର୍କରେ ପୂର୍ବରୁ ଚାଷୀମାନଙ୍କୁ ସୂଚନା ଦିଆଯାଇ ନ ଥିବା କେତେଜଣ ଚାଷୀ ଅଭିଯୋଗ କରିଥିଲେ।

## ସଫେଇ କର୍ମଚାରୀଙ୍କୁ ପରିଚୟପତ୍ର ପ୍ରଦାନ


ପରିଚୟପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଜନପ୍ରତିନିଧିମାନଙ୍କ ସହ ସଫେଇ କର୍ମଚାରୀମାନେ।

ଆଠମଲ୍ଲିକ,୬।୬(ଡି.ଏନ.ଏ.)

ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦରେ କାର୍ଯ୍ୟରତ ସଫେଇ କର୍ମଚାରୀମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ପରିଷଦ କାର୍ଯ୍ୟାଳୟ ନିକଟସ୍ଥ କଲ୍ୟାଣମଣ୍ଡପରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଏନ୍‌ଏସି ଅଧ୍ୟକ୍ଷା ଆଶାକୁମାରୀ ସାହୁ, ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା ଓ ନିର୍ବାଚିତ କାଉନସିଲରମାନେ ଯୋଗଦେଇଥିଲେ। ସରକାରଙ୍କ ଗାରିମା ଯୋଜନାରେ ନାମ ଅନ୍ତର୍ଭୁକ୍ତ ଥିବା ୩୦ ଜଣ ସଫେଇ କର୍ମଚାରୀଙ୍କୁ ଅଧ୍ୟକ୍ଷା ସାହୁ ପରିଚୟପତ୍ର ପ୍ରଦାନ କରିବା ସହ ସଫେଇ ବେଳେ ନିଜ ପାଖରେ ପରିଚୟ ପତ୍ର ରଖିବାକୁ ପରାମର୍ଶ ଦେଇଥିଲେ।

# ଦୁର୍ନୀତି ଅଭିଯୋଗର ତଦନ୍ତ କଲେ ଲୋକପାଳ

ବଇଣ୍ଡା,୬।୬(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ବ୍ୟାପକ ଦୁର୍ନୀତି କରାଯାଇଥିବା ଅଭିଯୋଗ ହେଉଛି। ବ୍ଲକର କେତେକ ପଞ୍ଚାୟତରେ ଶ୍ରମିକ ବଦଳରେ ଜେସିବି ମେଶିନ ବ୍ୟବହାର କରାଯାଇ ଲକ୍ଷାଧିକ ଟଙ୍କା ହେରଫେର କରାଯାଇଛି। କଦଳୀମୁଣ୍ଡା ପଞ୍ଚାୟତରେ ଏପରି ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହେବା ପରେ ସୋମବାର ଲୋକପାଳ ବିଭୂତି ପଟ୍ଟନାୟକ ପଞ୍ଚାୟତର ଧଉରାଗୋଠ, ଭୀମପୁର, କଦଳୀମୁଣ୍ଡା ଆଦି ଗ୍ରାମକୁ ଯାଇ ତଦନ୍ତ କରିଛନ୍ତି।

ଅଭିଯୋଗରୁ ପ୍ରକାଶ ଯେ, କଦଳୀମୁଣ୍ଡା ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପୋଖରୀ, ରାସ୍ତା ଆଦି କାମ କରାଯାଇଛି। ହେଲେ ଶ୍ରମିକଙ୍କୁ ଏଥିରୁ ବାଦ୍ ଦେଇ ଜେସିବି ମେଶିନ ସାହାଯ୍ୟରେ କାମ କରାଯାଇଛି। ୧୦ ଲକ୍ଷ ଟଙ୍କାର ରାସ୍ତାଗୁଡ଼ିକକୁ ୧ ଲକ୍ଷ ଟଙ୍କା ମଧ୍ୟରେ କାମ କରି ବଳକା ୯ ଲକ୍ଷ ଟଙ୍କା ଲେଖାଏ ହଡପ କରାଯାଇଛି। ଏ ନେଇ ଜଣେ ବ୍ୟକ୍ତି ଲୋକପାଳଙ୍କ ଠାରେ ଅଭିଯୋଗ କରିବା ପରେ ତଦନ୍ତ ଆରମ୍ଭ ହୋଇଛି। ପୂର୍ବରୁ କିଶୋରନଗର ବ୍ଲକ କାର୍ଯ୍ୟାଳୟରେ ଦୁର୍ନୀତି ସମ୍ପର୍କରେ ଅଭିଯୋଗ କରାଯାଇଥିଲେ ମଧ୍ୟ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ସେହିପରି ଗାଁ ବଇଣ୍ଡା, ଜାମୁନାଳୀ, କଣ୍ଟେଇକୋଳିଆ, ନୁନୁକାପଶି, ନାକିଚି, ଠେଲକନାଳୀ, ଉରୁକୁଳା, ଧଡ଼ରପାଳ, ହିମିତିରା, ସଞ୍ଜମୁରା ଆଦି ପଞ୍ଚାୟତରେ ଶ୍ରମିକଙ୍କ ବଦଳରେ ଜେସିବି ମେଶିନ ବ୍ୟବହାର କରାଯାଇଥିବା ବ୍ଲକ ପ୍ରଶାସନ ଠାରେ ଅଭିଯୋଗ ହୋଇଛି। ତୁରନ୍ତ ଏହି ଦୁର୍ନୀତି ଗୁଡ଼ିକର ତଦନ୍ତ ଲୋକପାଳଙ୍କ ଜରିଆରେ କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରା କହିଛନ୍ତି, ଦୁର୍ନୀତି ସମ୍ପର୍କରେ ଅଭିଯୋଗ ଆସିଲେ ବ୍ଲକ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଉଛି। ମେଶିନ ବ୍ୟବହାର କରାଯାଉଥିବା ପ୍ରକଳ୍ପଗୁଡ଼ିକର ବିଲ୍ ପାସ କରାଯିବ ନାହିଁ।


ତଦନ୍ତ ପାଇଁ ଆସିଥିବା ଟିମ୍।

## ବସ୍‌ଷ୍ଟାଣ୍ଡରେ ଟଳିପଡ଼ିଲେ ଯୁବକ

ଅନୁଗୋଳ ଅଫିସ, ୬।୬

ଅନୁଗୋଳ ବସ୍‌ଷ୍ଟାଣ୍ଡରେ ମଙ୍ଗଳବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି। ମୃତ ଯୁବକ ହେଉଛନ୍ତି ହେମସୁରପଡ଼ା ଛକ ଅଞ୍ଚଳର ଜିତେନ୍ଦ୍ର ଜ୍ୟୋତିଷୀ(୩୮)। ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କୁ ମୃତ ଘୋଷଣା କରାଯିବା ପରେ ଅନୁଗୋଳ ପୋଲିସ ମୃତଦେହ ଜବତ କରି ଶବାଗୃହରେ ରଖିଛି। ପ୍ରକାଶ ଯେ, ଜିତେନ୍ଦ୍ର ବସ୍‌ଷ୍ଟାଣ୍ଡକୁ କୌଣସି କାର୍ଯ୍ୟରେ ଆସିଥିଲେ। ଅସୁସ୍ଥ ଲାଗିବାରୁ ସେ ବସ୍‌ଷ୍ଟାଣ୍ଡ ଭିତରେ ଥିବା ଏକ ବରଗଛ ପାଖରେ ଗାଡ଼ି ରଖି ଛିଡ଼ା ହୋଇଥିଲେ। ତେବେ କିଛି ସମୟ ପରେ ସେ ସେଠାରେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ କୁହାଯାଇଛି।

# ମାଣ୍ଡିଆର ଉପକାରିତା ଉପରେ ଆଲୋକପାତ

ଅନୁଗୋଳ ଅଫିସ,୬।୬

ଅନୁଗୋଳ ଖଲାରୀ ଗ୍ରାମର ରାମେଶ୍ୱର ୟୁଥ୍ କ୍ଲବ ଏବଂ ନେହେରୁ ଯୁବକେନ୍ଦ୍ର ଅନୁଗୋଳର ମିଳିତ ଆନୁକୂଲ୍ୟରେ ଖଲାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମାଣ୍ଡିଆ ଖାଦ୍ୟ ମେଳା ଏବଂ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ରାମେଶ୍ୱର ୟୁଥ୍ କ୍ଲବ ସଭାପତି ଶୁଭ୍ରାଂଶୁ ଶେଖର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ଜିଲା ଆଇନ ସେବା ପ୍ରାଧିକରଣର ସଚିବ କମଳାକାନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ସରକାରୀ ଓକିଲ ପରମାନନ୍ଦ ମିଶ୍ର, ପ୍ରାଧିକରଣ ସଦସ୍ୟ ବଳଦେବ କର, ସରକାରୀ ଅଧିବକ୍ତା ଦିଲୀପ କୁମାର ମହାନ୍ତି, ଖଲାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ଦାସ, ନେହେରୁ ଯୁବ କେନ୍ଦ୍ର ଯୁବ ସଂଯୋଜକ ପ୍ରଦୀପ କୁମାର ଏବଂ ଫରେଷ୍ଟର ହରମୋହନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ମାଣ୍ଡିଆ ସେବନର ବିଭିନ୍ନ ଉପକାରିତା ଉପରେ ଆଲୋକପାତ କରିବା ସହିତ ଦୈନନ୍ଦିନ ଜୀବନରେ ମାଣ୍ଡିଆ ଖାଦ୍ୟର ବହୁଳ ବ୍ୟବହାର ପାଇଁ ସଚେତନ କରାଇଥିଲେ। ମିଶନ ଶକ୍ତି ସଦସ୍ୟା ସସ୍ମିତା ପ୍ରଧାନ ମାଣ୍ଡିଆରେ ପ୍ରସ୍ତୁତ ଖାଦ୍ୟ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, କୃଷିମିତ୍ର, ପ୍ରାଣୀମିତ୍ର, ଗ୍ରାମର ବରିଷ୍ଠ ନାଗରିକ, ପାରାଲିଗାଲ ସ୍ୱେଚ୍ଛାସେବୀ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ପାରାଲିଗାଲ ସ୍ୱେଚ୍ଛାସେବୀ ଲିପିକା ମହାପାତ୍ର ମଞ୍ଚ ପରିଚାଳନା କରିଥିଲାବେଳେ ରାମେଶ୍ୱର ୟୁଥ୍ କ୍ଲବ ସଭାପତି ଶୁଭ୍ରାଂଶୁ ଶେଖର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲବ ସମ୍ପାଦକ ସୁଶୀଲ କୁମାର ସାହୁ, ଅଭିଜିତ ସାହୁ, ରାକେଶ ରଞ୍ଜନ ସାହୁ, ସ୍ୱପ୍ନେଶ୍ୱର ସାହୁ, ବିଭୀଷଣ ସାହୁ, ପ୍ରଶାନ୍ତ ମହାକୁଡ଼, ଅଭିଷେକ ସାହୁ, ସତ୍ୟବ୍ରତ ସାମଲ, ସୁଦର୍ଶନ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ମାଣ୍ଡିଆ ଖାଦ୍ୟ ମେଳାରେ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ କରାଯାଉଛି।

# ନନ୍ଦିରାରେ ମିଶିଲା ପାଉଁଶ ପାଣି

ବଣ୍ଡାଁରପାଳ,୬।୬(ଡି.ଏନ.ଏ.)

ବଣ୍ଡାଁରପାଳ ବ୍ଲକ ଅନ୍ତର୍ଗତ ବଳରାମପ୍ରସାଦ ଠାରେ ଥିବା ନାଲ୍‌କୋର ପାଉଁଶ ପୋଖରୀରୁ ବହୁ ପରିମାଣର ପାଉଁଶ ପାଣି ସୋମବାର ନନ୍ଦିରା ନାଳରେ ମିଶିଛି। ଫଳରେ ଏହି ନାଳ ଉପରେ ନିର୍ଭର କରୁଥିବା ବଳରାମପ୍ରସାଦ, କୁକୁଡାଙ୍ଗ, କୁରୁଡୁଲୁ, ଟେଣ୍ଟଲୋଇ, ଖାମାନା, ପାଣିଓଳା, ତେହେରାନପୁର, କେନ୍ଦୁପଲି, ଦିଗି ସମେତ ଆଖପାଖ ଗ୍ରାମର ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ନନ୍ଦିରା ନାଳ ଉପରେ ଏସବୁ ଅଞ୍ଚଳବାସୀ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଏପରି କି ଗୃହପାଳିତ ପ୍ରାଣୀ ଏହି ନାଳର ପାଣିକୁ ପାନୀୟ ଭାବେ ବ୍ୟବହାର କରନ୍ତି। ସେହିପରି ଟେଣ୍ଟଲୋଇ ସେବାଶ୍ରମରେ ରହୁଥିବା ଛାତ୍ରୀମାନେ ଏହି ନାଳରେ ସ୍ନାନ କରନ୍ତି। ମାତ୍ର ପାଉଁଶ ପାଣି ମିଶିବା ଦ୍ୱାରା ନାଳ ପାଣି ଦୂଷିତ ହେଉଛି। ଏହାକୁ ବ୍ୟବହାର କରି ଲୋକେ ଚର୍ମ ରୋଗ ସହ ବିଭିନ ରୋଗରେ ପୀଡିତ ହେଉଛନ୍ତି। କିନ୍ତୁ ନାଲ୍‌କୋ କର୍ତ୍ତୃପକ୍ଷ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଅସନ୍ତୋଷ ଦେଖା ଦେଇଛି। ଏ ସମ୍ପର୍କରେ ବଳରାମ ପ୍ରସାଦର ଯୁବନେତା ଅନିଲ ବେହେରା ଓ ଟେଣ୍ଟଲୋଇ ଗ୍ରାମର ସ୍ୱାଗତ ନାଏକ କହିଛନ୍ତି, ନାଲ୍‌କୋ କର୍ତ୍ତୃପକ୍ଷ ବାରମ୍ବାର ନନ୍ଦିରାରେ ପାଉଁଶ ପାଣି ଛାଡି ଦେଉଛନ୍ତି। ଏଥିପାଇଁ ନାଳ ପ୍ରଦୂଷିତ ହେଉଛି। ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏ ନେଇ ବହୁବାର ନାଲ୍‌କୋ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ହେଲେ କୌଣସି ସୁଫଳ ମିଳୁନାହିଁ। ଏ ସମ୍ପର୍କରେ ନାଲ୍‌କୋ ମାନବ ସମ୍ବଳ ଉପମହାପ୍ରବନ୍ଧକ ସୁନୀଲ ମହାପାତ୍ର କହିଛନ୍ତି, ବର୍ଷା ହେବା ଯୋଗୁ ପାଉଁଶ ପୋଖରୀରୁ ସାମାନ୍ୟ ପାଉଁଶ ମିଶା ପାଣି ଉଛୁଳି ନନ୍ଦିରାରେ ମିଶିଛି। ଏଥିରେ ସେମିତି କିଛି ବିଶେଷ ଅସୁବିଧା ହେବନାହିଁ।



## ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯିବ

ବଇଣ୍ଡା/ ଆଠମଲ୍ଲିକ/ କଣିହାଁ,୬।୬(ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନାରେ ମଙ୍ଗଳବାର ନୂତନ ଅଧିକାରୀ ଭାବରେ ପ୍ରିୟବ୍ରତ ଦାସ ଯୋଗ ଦେଇଛନ୍ତି। ସେ ପୂର୍ବତନ ଆଇଆଇସି ପୀତାମ୍ବର ମଲ୍ଲିକଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ଠାକୁରଗଡ଼ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି କିପରି ଠିକ୍ ରହିବ, ପୋଲିସ–ଜନତାଙ୍କ ମଧ୍ୟରେ ସୁ ସମ୍ପର୍କ ସ୍ଥାପନ ଓ ଲୋକଙ୍କୁ ଉଚିତ ନ୍ୟାୟ ପ୍ରଦାନ, ଦୁର୍ଘଟଣା ଜନିତ ମୃତ୍ୟୁ ହାର ହ୍ରାସ ପାଇଁ ସମସ୍ତ ପ୍ରକାର ପ୍ରଚେଷ୍ଟା ଜାରି ରହିବ ବୋଲି ନୂତନ ଆଇଆଇସି ଦାସ ପ୍ରକାଶ କରିଥିଲେ । ନୂତନ ଥାନା ଅଧିକାରୀଙ୍କୁ କର୍ମଚାରୀମାନେ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେହିପରି କଣିହାଁ ବ୍ଲକ ସମଲ ଥାନାର ନୂଆ ଆଇଆଇସି ଭାବେ ସରୋଜକାନ୍ତ ସାମଲ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏନ୍‌ଟିପିସି ଥାନାର ଅଧିକାରୀ ଭାବେ ମାନସ କୁମାର ମହାକୁଲ ଓ ନରେଶ କୁମାର ସାହୁ ରେଙ୍ଗାଳି ଥାନା ଆଇଆଇସି ଭାବେ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। କଣିହାଁ ବ୍ଲକ ଅଞ୍ଚଳରେ କିପରି ଶାନ୍ତି ଶୃଙ୍ଖଳା ବଜାୟ ରହିବ ଓ ଜନସାଧାରଣଙ୍କ ସହଯୋଗରେ ଚୋରା କାରବାରରେ ଲିପ୍ତ ଅସାଧୁ ବ୍ୟକ୍ତିଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ, ତାହା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ସମସ୍ତ ନୂତନ ଥାନା ଅଧିକାରୀ ମତବ୍ୟକ୍ତ କରିଛନ୍ତି।


ପ୍ରିୟବ୍ରତ ଦାସ, ସରୋଜକାନ୍ତ ସାମଲ, ମାନସ କୁମାର ମହାକୁଲ, ନରେଶ କୁମାର ସାହୁ।

## ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ବଇଣ୍ଡା,୬।୬(ଡି.ଏନ.ଏ.)

କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଚାକୁଣ୍ଡାମୁଣ୍ଡା ଗ୍ରାମର ପ୍ରକାଶ ପ୍ରଧାନ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୧୨୯/୨୩ ରେ ମାମଲା ରୁଜୁ କରିବା ସହ ମଙ୍ଗଳବାରଅଭିଯୁକ୍ତ ପ୍ରକାଶଙ୍କୁ ଗିରଫ କରିଛି। ପୋଲିସ କହିଛି, ସମ୍ପୃକ୍ତା ମହିଳା ଏକ ଆମ୍ବ ବଗିଚାରେ ସୋମବାର ଆମ୍ବ ତୋଳୁଥିବା ବେଳେ ତାଙ୍କୁ ଏକୁଟିଆ ଦେଖି ପ୍ରକାଶ ଦୁର୍ବ୍ୟବହାର କରିବା ସହ ଟଣାଓଟରା କରିଥିବା ଅଭିଯୋଗରେ ଦର୍ଶାଯାଇଥିଲା।

## ଧର୍ମ ପରାୟଣ ବ୍ୟକ୍ତିଙ୍କ ପରଲୋକ

ବଣ୍ଡାଁରପାଳ,୬।୬(ଡି.ଏନ.ଏ.)

ବଣ୍ଡାଁରପାଳ ବ୍ଲକ କାଣ୍ଡସର ଗ୍ରାମର ବନମାଳୀ ନାୟକ (୮୦)ଙ୍କ ମଙ୍ଗଳବାର ସକାଳେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ସେ ଜଣେ ଧର୍ମ ପରାୟଣ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସାମାଜିକକର୍ମୀ ପ୍ରତାପ ଆଚାର୍ଯ୍ୟ, ସୁଦର୍ଶନ ନାୟକ, ଜିତୁ ନାୟକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଏମ୍‌ସିଏଲ୍‌କୁ କୋଲ୍ ମିନିଷ୍ଟର ଟ୍ରଫି

ତାଳଚେର,୬।୬(ନି.ପ୍ର.)

ତାଳଚେରସ୍ଥିତ ମହାନଦୀ କୋଲ୍ ଫିଲ୍ଡସ ଲିମିଟେଡ (ଏମ୍‌ସିଏଲ୍)କୁ ୨୦୨୨–୨୩ ବର୍ଷ ପାଇଁ 'ଉତ୍ପାଦନ ଏବଂ ଉତ୍ପାଦନ' ବର୍ଗରେ ସମ୍ମାନଜନକ କୋଲ୍ ମିନିଷ୍ଟର ଟ୍ରଫି ଓ ୪ଟି କର୍ପୋରେଟ ବର୍ଗରେ ପୁରସ୍କାର ମିଳିଛି। ଏଥିସହ କମ୍ପାନୀର ୬ଜଣ କ୍ଷେତ୍ରୀୟ ମହାପ୍ରବନ୍ଧକ ବ୍ୟକ୍ତିଗତ ଶ୍ରେଣୀରେ କୋଲ୍ ମିନିଷ୍ଟର ପୁରସ୍କାର ଗ୍ରହଣ କରିଛନ୍ତି । ନୂଆଦିଲ୍ଲୀରେ ମଙ୍ଗଳବାର ଆୟୋଜିତ ଏକ ସମାରୋହରେ କୋଇଲା, ଖଣି ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏମ୍‌ସିଏଲ୍‌କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କୋଇଲା ମନ୍ତ୍ରଣାଳୟ ସଚିବ ଅମୃତ ଲାଲ ମୀନା, କୋଲ ଇଣ୍ଡିଆ ଲିମିଟେଡ ଅଧ୍ୟକ୍ଷ ପ୍ରମୋଦ ଅଗ୍ରୱାଲ ଏବଂ କୋଇଲା ମନ୍ତ୍ରଣାଳୟ ଅତିରିକ୍ତ ସଚିବ ଏମ୍. ନାଗାରାଜୁ ମଞ୍ଚାସୀନ ଥିଲେ। କୋଲ୍ ଇଣ୍ଡିଆ ଲିମିଟେଡର ଅଗ୍ରଣୀ ସହାୟକ କମ୍ପାନୀ ଏମ୍‌ସିଏଲ୍ କୋଇଲା ଉତ୍ପାଦନ ଏବଂ ଉତ୍ପାଦକତା, ନିରାପତ୍ତା, ନିରନ୍ତରତା ଏବଂ ଗୁଣବତ୍ତାର କର୍ପୋରେଟ ବର୍ଗରେ ଏହି ପୁରସ୍କାର ଜିତିଛି। ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓ.ପି. ସିଂହ, ନିର୍ଦ୍ଦେଶକ (କାର୍ମିକ) କେଶବ ରାଓ, ସିଭିଓ ପି.କେ. ପଟେଲ, ନିର୍ଦ୍ଦେଶକ (ବୈଷୟିକ), ଜେ.କେ. ବୋରାହ, ନିର୍ଦ୍ଦେଶକ (ଅର୍ଥ) ଏ.କେ. ବେହୁରା, ନିର୍ଦ୍ଦେଶକ (ଯାନ୍ତ୍ରିକ) ଏ.କେ. ବାପାଡଙ୍କ ସହ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ଏହାବ୍ୟତୀତ ଏମ୍‌ସିଏଲ୍‌ର ୬ଟି ଏରିଆ ହିଙ୍ଗୁଳା, ବସୁନ୍ଧରା, ଜଗନ୍ନାଥ, ଲିଙ୍ଗରାଜ, କଣିହାଁ ଏବଂ ଇବ୍ ଭ୍ୟାଲିର ଜେନେରାଲ ମ୍ୟାନେଜର ମଧ୍ୟ ବ୍ୟକ୍ତିଗତ ବର୍ଗରେ କୋଲ୍ ମିନିଷ୍ଟର ପୁରସ୍କାର ଜିତିଛନ୍ତି, ଯାହା ପୁରସ୍କାର ତାଲିକାରେ ଥିବା କୌଣସି କମ୍ପାନୀଠାରୁ ସର୍ବାଧିକ।



ଏମ୍‌ସିଏଲ୍ ଅଧିକାରୀମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

# ଶୁଆଖାଇକାଟେଣୀବାସୀଙ୍କ ମେଣ୍ଟୁନି ଶୋଷ



ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଶୁଆଖାଇକାଟେଣୀ ଗ୍ରାମବାସୀ।

■ ଭୂତଳ ଜଳସ୍ତର ହ୍ରାସର ପରିଣାମ ଭୋଗୁଛନ୍ତି ୨ ୱାର୍ଡବାସୀ

■ ସଙ୍କଟର ସମାଧାନ ପାଇଁ ଜିଲାପାଳଙ୍କୁ ଭେଟି ଗୁହାରି କଲେ

**ଢେଙ୍କାନାଳ ଅଫିସ, ୬ା୬**

ଖରା ଆସିଲେ ଆରମ୍ଭ ହୋଇଯାଏ ପାଣି ଚିନ୍ତା। ମଣିଷ ତ ମଣିଷ, ଗୃହପାଳିତ ପ୍ରାଣୀଙ୍କ ଯନ୍ତ୍ରଣା ମଧ୍ୟ ବଢ଼ିଯାଏ। ଭୂତଳ ଜଳ ରସାତଳଗାମୀ ହେବା ପରେ ବର୍ଷ ବର୍ଷ ଧରି ଏଭଳି ସମସ୍ୟା ଭୋଗୁଛନ୍ତି ଢେଙ୍କାନାଳ ସଦର ବ୍ଲକ୍ ଶୁଆଖାଇକାଟେଣୀ ଗ୍ରାମର ୨ ଏବଂ ୩ନଂ. ୱାର୍ଡବାସୀ। ତେବେ ଚଳିତବର୍ଷ ଅସହ୍ୟ ଗ୍ରୀଷ୍ମପ୍ରବାହ ସମୟରେ ଜଳକଷ୍ଟ ସେମାନଙ୍କ ଚିନ୍ତାକୁ ଆହୁରି ବଢ଼ାଇଦେଇଛି। ଶୋଷ ମେଣ୍ଟାଇବା ପାଇଁ ମୁନ୍ଦାଏ ପାଣି ସଂଗ୍ରହ କରିବା କଷ୍ଟକର ହୋଇପଡ଼ିଥିବାବେଳେ ଏହାର ପ୍ରତିବାଦରେ ମଙ୍ଗଳବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ୱାର୍ଡବାସୀ।

ଅଭିଯୋଗ ଅନୁଯାୟୀ, ଅଞ୍ଚଳର ଭୂତଳ ଜଳସ୍ତର ଅସ୍ୱାଭାବିକ ଭାବେ ହ୍ରାସ ପାଇବାରେ ଲାଗିଛି। ବିଶେଷ କରି ୨ ଓ ୩ନଂ. ୱାର୍ଡରେ ସ୍ଥିତି ଅତିମାତ୍ରାରେ ଜଟିଳ ହୋଇଛି। ଜଳସ୍ତର ନିମ୍ନଗାମୀ ହେବାପରେ ବସୁଧା ପ୍ରକଳ୍ପ ସ୍ଥାଣୁ ପାଲଟିଛି। ୨ଟି ନଳକୂପରୁ ବାହାରୁଥିବା ପାଣି ପର୍ଯ୍ୟାପ୍ତ ହେଉନାହିଁ। ଫଳରେ ୧୪୦ ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ୟା ସମ୍ପର୍କରେ ଜଣାଇବା ପରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଟ୍ୟାଙ୍କର ଯୋଗେ ଜଳଯୋଗାଣ ହେଉଛି। ହେଲେ ତାହା ସମୁଦ୍ରକୁ ଶଙ୍ଖେ। କେବଳ ଶୁଆଖାଇକାଟେଣି ନୁହେଁ, ଆଖପାଖ ଗ୍ରାମରେ ମଧ୍ୟ ଅନୁରୂପ ସ୍ଥିତି ସୃଷ୍ଟି ହୋଇଛି। ଅନ୍ୟ ଗାଁରୁ ପାଣି ସଂଗ୍ରହ କରିବା ମଧ୍ୟ କାଠିକର ପାଠ ହୋଇପଡୁଛି। ତେଣୁ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ମଙ୍ଗଳବାର ବହୁସଂଖ୍ୟାରେ ମହିଳାପୁରୁଷ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଗୁହାରି କରିଛନ୍ତି। ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ ନ କଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଦେବନାରାୟଣ ସାହୁ, ସତ୍ୟବାଦୀ ଦାସ, ଦୀପକ ନାୟକ, ବିଭୂତି ଭୂଷଣ ବେହେରା, ଅମ୍ବୁଜ ବେହେରା, ନିର୍ମଳ ନାୟକ, ରୋହିତ ଚୌଧୁରୀ, ଅଞ୍ଜନ ସାମଲ ପ୍ରମୁଖ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ନିର୍ମାଣାଧୀନ ମେଗା ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଏହାର ସମାଧାନ ହୋଇପାରିବ ବୋଲି ସ୍ଥାନୀୟ ଜନପ୍ରତିନିଧି କହିଛନ୍ତି।

## ହିନ୍ଦୋଳ ବନାଞ୍ଚଳରେ ଦନ୍ତା ଅସୁସ୍ଥ



ଅସୁସ୍ଥ ଦନ୍ତା

**ସାତମାଇଲ, ୬ା୬(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳ ଅନ୍ତର୍ଗତ ଗୁରିଲୋ ଗ୍ରାମ ଜଙ୍ଗଲ ମଶାଣି ନିକଟରେ ଏକ ଅସୁସ୍ଥ ଦନ୍ତାହାତୀକୁ ଠାବ କରାଯାଇଛି। କେଉଁ କାରଣରୁ ହାତୀଟି ଅସୁସ୍ଥ ହୋଇପଡ଼ିଛି ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ବନ କର୍ମଚାରୀ ଏହାର ଚିକିତ୍ସା ଆରମ୍ଭ କରିଛନ୍ତି।

ଆନୁମାନିକ ୨୪ବର୍ଷ ବୟସର ଉକ୍ତ ଦନ୍ତାହାତୀଟି ଗୁରିଲୋ ଜଙ୍ଗଲ ନିକଟରେ ପଡ଼ିଥିବା ନେଇ ସ୍ଥାନୀୟ ବାସିନ୍ଦା ବନ ବିଭାଗକୁ ସୂଚନା ଦେଇଥିଲେ। ଏହାପରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନାଞ୍ଚଳ ଅଧିକାରୀ ଲୋହିତ ରଥ, ସାତକୋଶିଆରୁ ବନ୍ୟପ୍ରାଣୀ ବିଶେଷଜ୍ଞ ଦଳ ପହଞ୍ଚି ଦନ୍ତାର ଚିକିତ୍ସା ଆରମ୍ଭ କରିଛନ୍ତି। ହାତୀକୁ ଇଞ୍ଜେକ୍ସନ, ସାଲାଇନ୍ ଦିଆଯାଇଛି। ଏ ନେଇ ଡିଏଫ୍‌ଓ କୁହନ୍ତି, ହାତୀର ଅସୁସ୍ଥତାର କାରଣ ଅସ୍ପଷ୍ଟ ରହିଛି। ବୁଧବାର ଭୁବନେଶ୍ୱରରୁ ଏକ ଡାକ୍ତରୀ ଟିମ୍ ଆସି ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବେ। ନମୁନା ସଂଗ୍ରହ କରି ପରୀକ୍ଷା ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ।

# ‘ଗ୍ରୀନାଥନ୍’ ବାଣ୍ଟିଲା ସଚେତନତା




‘ଗ୍ରୀନାଥନ୍’ରେ ଅଂଶଗ୍ରହଣ କରିଥିବା କମ୍ପାନୀ କର୍ମଚାରୀଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୬ା୬**

## ଟାଟା ଷ୍ଟିଲ୍‌ର ବିଶ୍ୱ ପରିବେଶ ଦିବସ

ଜାତିସଂଘ ପକ୍ଷରୁ ଘୋଷିତ ‘ବିଟ୍ ଦି ପ୍ଲାଷ୍ଟିକ’ ଶୀର୍ଷକ ବିଷୟକୁ ନେଇ ଢେଙ୍କାନାଳ ଜିଲା ମେରାମଣ୍ଡଳୀସ୍ଥିତ ଟାଟା ଷ୍ଟିଲ୍ କମ୍ପାନୀ ପରିସରରେ ସୋମବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ସପ୍ତାହବ୍ୟାପୀ ଚାଲିଥିବା ଅଭିଯାନ ଆନୁକୂଲ୍ୟରେ ଅନୁଷ୍ଠିତ ଚିତ୍ରାଙ୍କନ, ପୋଷ୍ଟର, ଫଟୋଗ୍ରାଫି ଓ କୁଇଜ୍ ପ୍ରତିଯୋଗିତାରେ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଟାଟା ଷ୍ଟିଲ୍ ହାଉସିଂ କଲୋନି ପରିସରରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଡ. ଅନୁପ ମଲ୍ଲିକ, କମ୍ପାନୀର ଉପସଭାପତି (ଅପରେଶନ) ତଥା ନ୍ୟୁ ମ୍ୟାଟେରିଆଲ ବିଜନେସ୍ ଓ ଗ୍ରାଫିନୀ ସୁବୋଧ ପାଣ୍ଡେ, ମୁଖ୍ୟ ଆଇରନ୍ ମେକିଂ ଅମିତ କୁମାର ସିଂ, ସେୟାର୍ଡ ସର୍ଭିସ ମୁଖ୍ୟ ବେଦପ୍ରକାଶ ଠାକୁର ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କମ୍ପାନୀର ହାଉସିଂ କଲୋନି ଫାଟକ ସମ୍ମୁଖରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ‘ଗ୍ରୀନାଥନ୍’ରେ ୩୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ସାମିଲ ହୋଇ ପ୍ଲାଷ୍ଟିକ୍ ପ୍ରଦୂଷଣର ଭୟାବହତା ସମ୍ପର୍କରେ ସଚେତନ ବାର୍ତ୍ତା ବାଣ୍ଟିଥିଲେ।

ଏହି ଅବସରରେ ମିଶନ ଲାଇଫ୍, ସଲିଡ୍ ୱେଷ୍ଟ ମ୍ୟାନେଜମେଣ୍ଟ, ହିନ୍ଦୋଳ ବ୍ଲକ ବ୍ରହ୍ମପୁର ଗ୍ରାମ ନିକଟ ପଥର ଖାଦାନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ବନ ସଂରକ୍ଷକ ସୁବ୍ରତ ପାତ୍ର, ହିନ୍ଦୋଳ ରେଞ୍ଜ୍ ଅଧିକାରୀ ଲୋହିତ ରଥ, ଅନୁଗୋଳ ଏନର୍ଜି ଲିମିଟେଡ୍ ପରିଚାଳନା ନିର୍ଦ୍ଦେଶକ ଶୈଳେଶ ବର୍ମା, ଟାଟା ଷ୍ଟିଲ୍ ପରିବେଶ ବିଭାଗ ମୁଖ୍ୟ ଅନୁପ ଶ୍ରୀବାସ୍ତବଙ୍କ ସମେତ ବହୁ ଗ୍ରାମବାସୀ ଯୋଗଦେଇଥିଲେ। ଏଥିସହ କାରଖାନାର ବିଭିନ୍ନ ୟୁନିଟ୍‌ରେ ୧୬୦୦ରୁ ଅଧିକ ଚାରାରୋପଣ କରାଯାଇଥିଲା। ଶିବପୁର ପଞ୍ଚାୟତ କରଡ଼ାଗାଡ଼ିଆରେ ଏକ ମାଇକ୍ରୋ କମ୍ପୋଷ୍ଟିଂ ୟୁନିଟ୍ ଲୋକାର୍ପଣ କରାଯାଇଛି। ଟାଟା ଗ୍ରୁପ୍ ପକ୍ଷରୁ ଜୁନ୍ ମାସକୁ ନିରନ୍ତରତା ମାସ ଭାବେ ପାଳନ କରାଯିବ। ମାସବ୍ୟାପୀ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ପ୍ଲାଷ୍ଟିକ୍ ପ୍ରଦୂଷଣ ପାଇଁ ସ୍ମାର୍ଟ ସମାଧାନ, ୱେବିନାର, ଅନ୍‌ଲାଇନ୍ କୁଇଜ୍ ଆଦି ପ୍ରତିଯୋଗିତାର ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି।

## ତୃଷାର୍ତ୍ତ କୁଟୁରା ଉଦ୍ଧାର

**ରାସୋଳ, ୬ା୬(ଡି.ଏନ୍.ଏ.)**

ହିନ୍ଦୋଳ ବନାଞ୍ଚଳ ଅନ୍ତର୍ଗତ ରାସୋଳ ସାପୁଆ କଲୋନିରୁ ମଙ୍ଗଳବାର ଏକ ତୃଷାର୍ତ୍ତ କୁଟୁରା ଉଦ୍ଧାର କରାଯାଇଛି। ଉକ୍ତ କୁଟୁରା ପାଣି ସନ୍ଧାନରେ ଜଙ୍ଗଲ ତଳି ଅଞ୍ଚଳକୁ ଚାଲି ଆସିଥିଲା। କୁକୁର ଗୋଡ଼ାଇବାକୁ ପ୍ରାଣ ବିକଳରେ ସାପୁଆ କଲୋନି ଭିତରେ ପଶିଯାଇଥିଲା। ସହକାରୀ ଯନ୍ତ୍ରୀ ଦିବାକର ବେହେରା ଏହାକୁ ଏକ କୋଠରିରେ ବନ୍ଦ କରି ବନ ବିଭାଗକୁ ସୂଚନା ଦେଇଥିଲେ। ଫରେଷ୍ଟର ଶୁଭେନ୍ଦୁ ଭୂୟାଁ ଏବଂ କର୍ମଚାରୀ ପହଞ୍ଚି କୁଟୁରାକୁ ନିକଟ ଜଙ୍ଗଲରେ ସୁରକ୍ଷିତ ଭାବେ ଛାଡ଼ି ଦେଇଛନ୍ତି।

## ୨୦୦ ୟୁନିଟ୍ ନିଃଶୁଳ୍କ ବିଦ୍ୟୁତ୍ ଯୋଗାଣ ଦାବି

**ଢେଙ୍କାନାଳ ଅଫିସ, ୬ା୬**

ରାଜ୍ୟବାସୀଙ୍କୁ ୨୦୦ ୟୁନିଟ୍ ନିଃଶୁଳ୍କ ବିଦ୍ୟୁତ୍ ଯୋଗାଣ ପାଇଁ ଦାବି କରିଛି ଢେଙ୍କାନାଳ ଆମ୍ ଆଦ୍‌ମୀ ପାର୍ଟି (ଏଏପି)। ଦଳର ଜିଲା କାର୍ଯ୍ୟାଳୟରେ ସଂଯୋଜକ ପଙ୍କଜ ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହି ପ୍ରସଙ୍ଗ ଉଠାଯାଇଛି। ଏ ନେଇ ଜୁନ୍ ୮ରେ ଢେଙ୍କାନାଳ ଜିଲା ସମେତ ଓଡ଼ିଶାର ଜନସାଧାରଣଙ୍କ ଦସ୍ତଖତ ଥିବା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ।

ସୂଚନାଯୋଗ୍ୟ, ୨୦୨୧ ଏପ୍ରିଲରେ ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ୨୦୦ ୟୁନିଟ୍ ନିଃଶୁଳ୍କ ବିଦ୍ୟୁତ୍ ଯୋଗାଣ ଦାବି ନେଇ ଭୁବନେଶ୍ୱରରେ ସତ୍ୟାଗ୍ରହ କରାଯାଇଥିଲା। ଦଳର କର୍ମକର୍ତ୍ତାମାନେ ପଞ୍ଚାୟତସ୍ତରରୁ ଲୋକଙ୍କ ଦସ୍ତଖତ ସଂଗ୍ରହ କରିଥିଲେ। ଇତିମଧ୍ୟରେ ବିଦ୍ୟୁତ୍ ବିତରଣ ଦାୟିତ୍ୱ ଘରୋଇ ସଂସ୍ଥାକୁ ଦିଆଯାଇଛି। ହେଲେ ଏହାପରେ ଉପଭୋକ୍ତାଙ୍କ ସମସ୍ୟା ଆହୁରି ବଢ଼ିଯାଇଛି। ଲୋ-ଭୋଲ୍‌ଟେଜ୍, ବିଦ୍ୟୁତ୍ କାଟ, ଜବରଦସ୍ତ ଦେୟ ଆଦାୟକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଦିଲ୍ଲୀ, ପଞ୍ଜାବ ଭଳି ଓଡ଼ିଶାରେ ଅନୁରୂପ ନିଃଶୁଳ୍କ ବିଦ୍ୟୁତ୍ ବ୍ୟବସ୍ଥା ଲାଗୁ କରିବାକୁ ଏଏପି ପକ୍ଷରୁ ଦାବି କରାଯାଇଛି। ଏ ନେଇ ଜୁନ୍ ୮ରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ଠାରୁ ଏକ ଶୋଭାଯାତ୍ରା ବାହାରି ଦସ୍ତଖତ ସମ୍ୱଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଖବରଦାତା ସମ୍ମିଳନୀରେ ସଙ୍ଗଠନ ସଚିବ ବିଧୁରଞ୍ଜନ ନାୟକ, ମହିଳା ନେତ୍ରୀ ନଳିନୀ ସାହୁ, ହିନ୍ଦୋଳ ବ୍ଲକ ସଭାପତି ମନୋରଞ୍ଜନ ପାଳ, କାର୍ଯ୍ୟାଳୟ ସଚିବ ଚିନ୍ମୟ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ‘ଆତ୍ମସମୀକ୍ଷା କରି ଆଗକୁ ବଢ଼’



ଜଣେ ମେଧାବୀ ଛାତ୍ରୀଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୬ା୬**

ଢେଙ୍କାନାଳ ଜିଲାର ଏ-୧ ଗ୍ରେଡ୍‌ଧାରୀ ମାଟ୍ରିକ୍ ମେଧାବୀଙ୍କୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି। ଏଥିଲାଗି ସ୍ଥାନୀୟ ପୁରୁଣା ଜିଲା ପରିଷଦ ସଭାଗୃହରେ ଜିଲା ପ୍ରଶାସନ ଏବଂ ‘ଆମ ପ୍ରତିଭା ଆମ ସମ୍ମାନ’ ଅନୁଷ୍ଠାନ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଆତ୍ମସମୀକ୍ଷା କରିବା ସହ ଆଗକୁ ବଢିବା ପାଇଁ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ ଶିକ୍ଷାର ମାନ ବୃଦ୍ଧି ପ୍ରକ୍ରିୟାକୁ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଜିଲାପାଳ ସରୋଜ କୁମାର ସେଠୀ କହିଲେ, ସଫଳତା ପାଇବାକୁ ହେଲେ ଆତ୍ମସମୀକ୍ଷା, କର୍ତ୍ତବ୍ୟନିଷ୍ଠ ଓ ଲକ୍ଷ୍ୟ ହାସଲକୁ ଗୁରୁତ୍ୱ ଦେବା ଜରୁରୀ। ଫଳରେ ଛାତ୍ରୀଛାତ୍ର ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ। ଢେଙ୍କାନାଳରେ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ରହିଛି। କଙ୍କଡ଼ାହାଡ଼ ବ୍ଲକ ବୀରାଶାଳରେ ଜିଏଟିଆଇ ପକ୍ଷରୁ ପରିଚାଳିତ ଏୟାରଷ୍ଟ୍ରିପ୍‌ରେ ଯୁକ୍ତ ୨ ପାସ୍ କରିବା ପରେ ଆଶାୟୀ ଛାତ୍ରୀଛାତ୍ର ନିଃଶୁଳ୍କ ବିମାନ ଉଡ଼ାଣ ତାଲିମ ନେଇପାରିବେ। ଯୋଗ୍ୟତାଭିତ୍ତିରେ ଆଇଟିଆଇ, ପଲିଟେକ୍‌ନିକରେ ବିନା ଦେୟରେ ଶିକ୍ଷାଦାନ ବ୍ୟବସ୍ଥା କରାଯାଇଛି। ଏହାର ସୁଯୋଗ ନେଇ ରାଜ୍ୟ ବିକାଶରେ ଭାଗୀଦାର ହେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଜିଲା ଶିକ୍ଷାଧିକାରୀ ନିବେଦିତା ପାଣିଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଅତିରିକ୍ତ ଶିକ୍ଷାଧିକାରୀ ସସ୍ମିତା ସାହୁ, ‘ଆମ ପ୍ରତିଭା ଆମ ସମ୍ମାନ’ର ସଭାପତି ପ୍ରିୟରଞ୍ଜନ ମାହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ।

ଏହି ଅବସରରେ ଧଳପୁର ହାଇସ୍କୁଲ ଛାତ୍ରୀ ଏସ୍. ରାମେଶ୍ୱରୀ ନନ୍ଦ (ଜିଲା ଟପ୍ପର), ରାକେଶ ପାତ୍ର (ଦ୍ୱିତୀୟ ସ୍ଥାନ), ଗଁଦିଆ ହାଇସ୍କୁଲର ରୋଜାଲିନ୍ ସ୍ୱାଇଁ (ତୃତୀୟ ସ୍ଥାନ)ଙ୍କ ସମେତ ୮୨ଜଣ ଏ-୧ ଗ୍ରେଡ୍‌ଧାରୀ, ସେମାନଙ୍କ ଅଭିଭାବକ ଏବଂ ମାର୍ଗଦର୍ଶୀ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଲକ୍ଷ୍ମୀଧର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ପରିବେଶ ସୁରକ୍ଷାକୁ ଗୁରୁତ୍ୱ




କାର୍ଯ୍ୟକ୍ରମରେ ଅତିଥିମାନେ।

**କାମାକ୍ଷାନଗର, ୬ା୬(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ମଠକରଗୋଳା କଲେଜରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଜାତୀୟ ସେବା ଯୋଜନା, ଭାରତ ସ୍କାଉଟ୍ସ, ଗାଇଡ୍ସ, ଯୁବ ରେଡ୍‌କ୍ରସ୍‌ର ମିଳିତ ଆନୁକୂଲ୍ୟରେ ଏହାର ଆୟୋଜନ କରାଯାଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ସାଧାରଣ ସଭାରେ କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାଶ ସଭାପତିତ୍ୱ କରି କହିଲେ, ବୃକ୍ଷ ହିଁ ଜୀବନ। ପରିବେଶ ସଂରକ୍ଷଣ ଆଜିକାର ସମୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏଥିଲାଗି ସମସ୍ତେ ମିଳିମିଶି କାମ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏନ୍‌ଏସ୍‌ଏସ୍ ଅଧିକାରୀ ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ସ୍ୱାଇଁ, ସ୍କାଉଟ୍ସ ଓ ଗାଇଡ୍ସ ଅଧିକାରୀ ଅଧ୍ୟାପିକା ଅର୍ପିତା ମହାମାନସିଂ, ମୋ କଲେଜ ଅଭିଯାନର ସଂଯୋଜିକା ଅଧ୍ୟାପିକା ଶୁଭସ୍ମିତା ବିଶ୍ୱାଳ, ଅଧ୍ୟାପକ ଅଜୟ ଦାସ, ଶୁଭେନ୍ଦୁ ପରିଡ଼ା, ପ୍ରଦୀପ୍ତ ସାହୁ, ଲଳିତ ବେହେରା ପ୍ରମୁଖ ଆଲୋଚନାରେ ଭାଗନେଇ ପରିବେଶ ପ୍ରଦୂଷଣର କାରଣ, ନିରାକରଣ ଏବଂ ଏଥିର ଯୁବପିଢ଼ିଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ୨୦୦ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଗ୍ରନ୍ଥାଗାରିକ ଫକୀରମୋହନ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।



ବାହାନଗା ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କ ଅମରାତ୍ମାର ସଦ୍‌ଗତି କାମନା କରି ଢେଙ୍କାନାଳ ଜିଲା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ରଙ୍କ ଆହ୍ୱାନରେ ହନୁମାନ ବାଟିକାରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ସମୂହ ଦୀପଦାନ କାର୍ଯ୍ୟକ୍ରମ।



ବାଲେଶ୍ୱର ଟ୍ରେନ୍ ଦୁର୍ଘଟଣାରେ ମୃତକଙ୍କ ସ୍ମୃତିରେ ଏଆଇସିସି ମାନବାଧିକାର କଂଗ୍ରେସ ପକ୍ଷରୁ ସ୍ଥାନୀୟ ବଳରାମ ମନ୍ଦିରରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସ୍ମିତାରାଣୀ ସାମଲଙ୍କ ନେତୃତ୍ୱରେ କ୍ୟାଣ୍ଡେଲ ଜଳାଇ ସେମାନଙ୍କ ଅମରାତ୍ମାର ସଦ୍‌ଗତି କାମନା କରାଯାଇଥିଲା।

